# ନ୍ୟାୟାଧୀଶଙ୍କୁ ନ୍ୟାୟ ମିଳୁ

ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନ୍ୟାୟବ୍ୟବସ୍ଥାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏକ ସ୍ୱତନ୍ତ୍ର ଏବଂ ନିରପେକ୍ଷ ନ୍ୟାୟ ବ୍ୟବସ୍ଥା ଯେ ଗଣତନ୍ତ୍ରର ସୁରକ୍ଷା ପାଇଁ ଯେ ଏକାନ୍ତ ଅପରିହାର୍ଯ୍ୟ, ଏକଥା ସମ୍ବିଧାନ ପ୍ରଣୟନ ସମୟରୁ ଆମେ ଜାଣି ଆସିଛୁ । ଏଥିପାଇଁ ସମ୍ବିଧାନ ସଭାରେ ବିସ୍ତୃତ ଆଲୋଚନା ହୋଇଥିଲା । ଆମ ଜାତୀୟ ଆନ୍ଦୋଳନରେ ନେତୃତ୍ୱ ନେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ଆଇନଜୀବୀ ହୋଇଥିବା ଦୃଷ୍ଟିରୁ ଏ ଆଲୋଚନା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ବହୁ ଅଭିଜ୍ଞ ବ୍ୟକ୍ତିବିଶେଷଙ୍କ ପରାମର୍ଶରେ ନ୍ୟାୟବ୍ୟବସ୍ଥାକୁ ସ୍ୱତନ୍ତ୍ର ରଖିବା ପାଇଁ ସମ୍ବିଧାନରେ ବିଭିନ୍ନ ନିୟମ ପ୍ରଣୟନ କରାଗଲା । ସେମାନଙ୍କ ମଧ୍ୟରୁ ନ୍ୟାୟାଧୀଶ ମାନଙ୍କର ନିଯୁକ୍ତି, ପଦୋନ୍ନତି ଦରମା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରତି ବିଶେଷ ଦୃଷ୍ଟି ଦିଆଯାଇଥିଲା । ଏହା ନିରପେକ୍ଷତା ପାଇଁ ଅପରିହାର୍ଯ୍ୟ ବୋଲି ମଧ୍ୟ ଯୁକ୍ତି କରାଯାଇଥିଲା । ପରବର୍ତ୍ତୀ କାଳରେ ଏ ବିଷୟରେ ଯେତେସବୁ ଆଲୋଚନା ହୋଇଛି ଏବଂ ଏ ସଂକ୍ରାନ୍ତରେ ଅନେକ ପରିବର୍ତ୍ତନ କରାଯାଇଛି, ସେସବୁର ପଛରେ ଗୋଟିଏ ଯୁକ୍ତି ଦିଆଯାଉଅଛି ଯେ ଆମର ନ୍ୟାୟାଧୀଶମାନେ ସମସ୍ତ ପ୍ରକାର ଅବାଞ୍ଛିତ ପ୍ରଭାବରୁ ମୁକ୍ତ ରହିବା ଉଚିତ ଏବଂ ସେଥିପାଇଁ ସେମାନଙ୍କ ମନରେ ନିଜର ଚାକିରି, ପାଉଥିବା ସୁବିଧା ସୁଯୋଗ ଏବଂ ଭବିଷ୍ୟତ ସମ୍ପର୍କରେ କୌଣସି ପ୍ରକାର ଆଶଙ୍କା ବା ଅସନ୍ତୋଷର ଅବକାଶ ରହିବା ଉଚିତ ନୁହେଁ । କିନ୍ତୁ ଦୁଃଖର କଥା, ଉଚ୍ଚତମ ନ୍ୟାୟାଳୟ ଗୁଡିକରେ ନ୍ୟାୟାଧୀଶ ମାନଙ୍କର ନିଯୁକ୍ତି, ପଦୋନ୍ନତି ଏବଂ ବଦଳି ନୀତି ନେଇ ଏ ପ୍ରକାର ଏକ ସନ୍ଦେହମୁକ୍ତ ପରିବେଶ ଏପର୍ଯ୍ୟନ୍ତ ଜାତୀୟ ସ୍ତରରେ ତିଆରି ହୋଇ ପାରିଲା ନାହିଁ ।

ଏହି ପ୍ରତିକୂଳ ପରିବେଶଟି ଯେ କେବଳ ଆମର ଉଚ୍ଚ ନ୍ୟାୟାଳୟ ମାନଙ୍କୁ ଦୂଷିତ କରୁଅଛି ତାହା ନୁହେଁ, ତଳସ୍ତରରେ ଥିବା ନ୍ୟାୟବ୍ୟବସ୍ଥା ମଧ୍ୟ ଏହିପରି ପ୍ରଭାବିତ ହୋଇଛି । ଗତ କେତେବର୍ଷ ହେବ ଉଚ୍ଚ ନ୍ୟାୟାଳୟ ଗୁଡିକର ସମସ୍ୟାକୁ ନେଇ ଆମେ ଯେତେ ପରିମାଣରେ ବିବ୍ରତ ଏବଂ ଚିନ୍ତିତ, ତଳ ସ୍ତରରେ ଥିବା ନ୍ୟାୟାଧୀଶମାନଙ୍କ ସମସ୍ୟା ସମ୍ବନ୍ଧରେ ଯଦି ଅନୁରୂପ ବିବ୍ରତ ଭାବ ଏବଂ ସଚେତନତା ପ୍ରକାଶ ପାଆନ୍ତା ତା'ହେଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା । କିନ୍ତୁ ଦୁଃଖର କଥା, ଏମାନଙ୍କର ସମସ୍ୟାକୁ ନେଇ ସରକାର ଏବଂ ଉଚ୍ଚନ୍ୟାୟାଳୟ ଗୁଡିକ ଯେଉଁ କେତେ ଗୁଡିଏ ନୀତି ନିୟମ କରୁଛନ୍ତି ବା କରିବା ପାଇଁ ଚିନ୍ତା କରୁଛନ୍ତି ସେଥିରେ ନ୍ୟାୟର ବୃହତ୍ତର ସ୍ୱାର୍ଥ ସାଧିତ ହେବ ବୋଲି ଆମର ବିଶ୍ୱାସ ହେଉନାହିଁ । ଭାରତର ପୁରପଲ୍ଲୀରେ ନ୍ୟାୟ କହିଲେ ଆମେ ସ୍ଥାନୀୟ କୋର୍ଟ, କଚେରୀକୁ ବୁଝିଥାଉ; ନ୍ୟାୟାଧୀଶ କହିଲେ ମୁନସଫ୍ ଓ ସବଜଜ୍‌ଙ୍କ କଥା ଜାଣିଥାଉ । କେବଳ ହାଇକୋର୍ଟ ଓ ସୁପ୍ରିମକୋର୍ଟର ସମସ୍ୟାରେ ନିମଜ୍ଜିତ ରହି ତଳ ସ୍ତରର ନ୍ୟାୟାଧୀଶ ମାନଙ୍କର ନ୍ୟାୟୋଚିତ ଦାବୀ ପ୍ରତି ଉଦାସୀନ ରହିଲେ ଆମ ନ୍ୟାୟ ବ୍ୟବସ୍ଥା ଭୁଶୁଡି ପଡିବ । ଯଦି ଆଜିର ନ୍ୟାୟ ବ୍ୟବସ୍ଥା ଗୋଟିଏ ବିରାଟ ବଡ ସଙ୍କଟର ସମ୍ମୁଖୀନ ବୋଲି ବୁଝାଯିବ, ତାହା ହେଲା ଆସ୍ଥା ବା ବିଶ୍ୱାସର ସଙ୍କଟ । ସାଧାରଣରେ ଏପରି ଏକ ଧାରଣା ସୃଷ୍ଟି ହେଲାଣି ଯେ ନ୍ୟାୟ ପାଇବା ପାଇଁ ବୋଧହୁଏ ସମସ୍ତଙ୍କର ସମାନ ଅଧିକାର ଆଉ ରହୁନାହିଁ । ବ୍ୟବସ୍ଥା ଉପରେ ବିଭିନ୍ନ କାରଣରୁ ଆସ୍ଥା ତୁଟିବାକୁ ଆରମ୍ଭ ହେଲାଣି । ଏହା ନିଶ୍ଚିତ ଭାବରେ ଆମ ଗଣତନ୍ତ୍ର ଏବଂ ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ପାଇଁ ଏକ ଅଶୁଭ ଲକ୍ଷଣ । ଯେତେଶୀଘ୍ର ଏହାକୁ ଦୂର କରାଯାଇ ପାରିବ ଆମ ଗଣତନ୍ତ୍ର ପାଇଁ ତାହା ସେତେ ମଙ୍ଗଳପ୍ରଦ ହେବ । ଆମର ନ୍ୟାୟ ବ୍ୟବସ୍ଥାକୁ ଅଧିକ ଆସ୍ଥାଶୀଳ କରିବା ପାଇଁ, ସର୍ବପ୍ରଥମେ ଯେଉଁମାନଙ୍କୁ ନେଇ ଏ ବ୍ୟବସ୍ଥାଟି ତିଆରି ହୋଇଛି, ସେମାନଙ୍କ ମଧ୍ୟରେ ଆସ୍ଥା, ଆତ୍ମବିଶ୍ୱାସ ଏବଂ ସ୍ୱାଭିମାନ ସୃଷ୍ଟି କରିବାକୁ ପଡିବ । ଯେତେଦିନ ପର୍ଯ୍ୟନ୍ତ ଆମର ମୁନସଫ୍ ଏବଂ ସବ୍‌ଜଜ୍‌ମାନେ ନିଜର ଭବିଷ୍ୟତ ନେଇ ଆତଙ୍କିତ ରହିବେ ଏବଂ ପାଉଥିବା ବିଭିନ୍ନ ସୁବିଧା ସୁଯୋଗ ନେଇ ଆତ୍ମଗ୍ଲାନି ଓ ହୀନମନ୍ୟତାର ଶିକାର ହେଉଥିବେ ସେତେଦିନ ପର୍ଯ୍ୟନ୍ତ ଏ ଆସ୍ଥା ଫେରି ପାରିବ ବୋଲି ଆମେ ବିଶ୍ୱାସ କରୁନାହୁଁ । ଅନ୍ୟାନ୍ୟ ଚାକିରିଭଳି ନ୍ୟାୟବ୍ୟବସ୍ଥାରେ ମଧ୍ୟ ପଦୋନ୍ନତି ଆଶା କରିବା ଏକ ମାନବସୁଲଭ ସ୍ୱାଭାବିକ ଲକ୍ଷଣ । ବିଶେଷକରି ଆମର ନ୍ୟାୟାଧୀଶ ମାନଙ୍କୁ ଏ ପ୍ରକାର ପଦୋନ୍ନତିର ସମ୍ପୂର୍ଣ୍ଣ ସୁଯୋଗ ଦେବା ଏକାନ୍ତ ପ୍ରୟୋଜନ । ତେଣୁ ଏଥିରେ ଅନ୍ତରାୟ ସୃଷ୍ଟି କଲାଭଳି ଯଦି କୌଣସି ନୀତି ପ୍ରଣୟନ କରାଯାଏ, ତାହା ନିଶ୍ଚିତ ଭାବେ ନ୍ୟାୟବ୍ୟବସ୍ଥାର ନୈତିକତା ଏବଂ ଆତ୍ମ–ମର୍ଯ୍ୟାଦା ଉପରେ କୁଠାରାଘାତ କରିବ । ନିକଟରେ ଜିଲ୍ଲାସ୍ତରୀୟ ନ୍ୟାୟାଳୟରେ ନିଯୁକ୍ତି ନେଇ ସରକାରଙ୍କର ଯେଉଁ ନୀତି ପ୍ରଣୟନ ହେବାକୁ ଯାଉଛି ତାହା ଏହିପରି ଏକ ସ୍ୱାର୍ଥ ବିରୋଧୀ ନୀତି ବୋଲି ଆମେ ବିଚାର କରୁ । ଏହି ନୀତି ଅନୁସାରେ ସରକାର ଏବଂ ଉଚ୍ଚ ନ୍ୟାୟାଳୟ ତଳସ୍ତରର ନ୍ୟାୟାଧୀଶ ମାନଙ୍କୁ ପଦୋନ୍ନତି ଦେବା ଅପେକ୍ଷା ସିଧାସଳଖ ସଫଳ ଆଇନଜୀବୀ ମାନଙ୍କ ମଧ୍ୟରୁ ଜିଲ୍ଲା ଜଜ୍ ଭାବେ ନିଯୁକ୍ତି କରିବା ଶ୍ରେୟସ୍କର ମନେ କରୁଛନ୍ତି । ଏକ ସନ୍ତୁଳିତ ନିଯୁକ୍ତି ବ୍ୟବସ୍ଥା ପାଇଁ ଏବଂ ନୂତନ ପ୍ରତିଭାକୁ ସୁଯୋଗ ଦେବା ପାଇଁ ଯେ ସିଧାସଳଖ ଜିଲ୍ଲା ଜଜ୍ ନିଯୁକ୍ତ ହେବା ବାଞ୍ଛନୀୟ ଏକଥା ଗୋଟିଏ ଦୃଷ୍ଟିରୁ ସ୍ୱୀକାର କରାଯାଇପାରେ । କିନ୍ତୁ ମନୋନୟନ ପ୍ରକ୍ରିୟା ଓ ମାତ୍ରା ଉପରେ ନିୟନ୍ତ୍ରଣ ନ ଆଣି ଯଦି ବିଭିନ୍ନ ଦୃଷ୍ଟି କୋଣରୁ ସାମୟିକ ସ୍ୱାର୍ଥକୁ ଆଖି ଆଗରେ ରଖି ଏହାକୁ ଉତ୍ସାହିତ କରାଯାଏ, ତା'ହେଲେ ପରିଣାମ ବିପରୀତ ହେବ ।

୧୯୪୯ ମସିହାରୁ ୧୯୭୯ ମସିହା ପର୍ଯ୍ୟନ୍ତ ଗତ ୩୦ ବର୍ଷ ମଧ୍ୟରେ ମାତ୍ର ଦଶଜଣଙ୍କୁ ଏପରି ସିଧାସଳଖ ନିଯୁକ୍ତି ମିଳିଥିବା ସ୍ଥଳେ ୧୯୮୦ ରୁ ୮୬ ପର୍ଯ୍ୟନ୍ତ ମାତ୍ର ୬ ବର୍ଷ ମଧ୍ୟରେ ୬ ଜଣଙ୍କୁ ନିଯୁକ୍ତି ଦିଆସରିଲାଣି ଏବଂ ଆହୁରି ଅନେକଙ୍କୁ ନିଯୁକ୍ତି ଦେବାପାଇଁ ଚିନ୍ତା କରାଯାଉଅଛି । ଯେଉଁ ମାନଙ୍କୁ ସିଧାସଳଖ ନିଯୁକ୍ତି ଦିଆଯାଉଛି, ସେମାନଙ୍କର ପ୍ରତିଭା ଯାହା ହେଉନା କାହିଁକି, ବୟସ ଏବଂ ଅଭିଜ୍ଞତା ଦୃଷ୍ଟିରୁ ତାଙ୍କ ତଳସ୍ତରରେ ଥିବା ନ୍ୟାୟାଧୀଶ ମାନଙ୍କ ତୁଳନାରେ ସେମାନେ କନିଷ୍ଠ । ଏହାର ଏକ ପ୍ରତିକୂଳ ପ୍ରଭାବ ପଡୁଛି ଏବଂ ପରବର୍ତ୍ତୀ ସମୟରେ ପଦୋନ୍ନତି ନେଇ ଯଥେଷ୍ଟ ଅସନ୍ତୋଷ ଏବଂ ବିଦ୍ୱେଷର ସୂତ୍ରପାତ କରୁଛି । ମୁନସଫ୍ ଭାବେ କାମ ଆରମ୍ଭ କରି ୩୦ ବର୍ଷର କର୍ମମୟ ଜୀବନ ପରେ ଜିଲ୍ଲା ଜଜ୍‌ଟିଏ ହୋଇ ଅବସର ନେବାର ସ୍ୱପ୍ନ ଦେଖିବା ଆଦୌ ଅସ୍ୱାଭାବିକ ନୁହେଁ । କିନ୍ତୁ ସିଧାସଳଖ ନିଯୁକ୍ତି ବ୍ୟବସ୍ଥା ଯେ ଏ ପ୍ରକାର ସ୍ୱପ୍ନକୁ ଚରିତାର୍ଥ କରିବାରେ ଅନ୍ତରାୟ ହେଉଅଛି, ଏଥିରେ ସନ୍ଦେହ ନାହିଁ । ତେଣୁ ଆମ ବିଚାରରେ ସରକାର ଖୁବ୍ ଶୀଘ୍ର ଏ ବିଷୟରେ ଗମ୍ଭୀରତାର ସହ ଚିନ୍ତା କରନ୍ତୁ ଏବଂ ଏ ନିଯୁକ୍ତି ଓ ମନୋନୟନ ବ୍ୟବସ୍ଥାରେ ନିୟନ୍ତ୍ରଣ ଆଣି ମାତ୍ରାନୁସାରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ।